# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 30 March - 2026

*********************************

## ମୁଖ୍ୟ ସମ୍ବାଦ

- କଟକ ବଡ଼ମେଡିକାଲ ଅଗ୍ନିକାଣ୍ଡ ଘଟଣାରେ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ବାଧାପ୍ରାପ୍ତ
- ରାଜ୍ୟ ସରକାର ଆସନ୍ତା ବୁଧବାରଠାରୁ ୧୪ ଦିନ ବ୍ୟାପୀ ଓଡ଼ିଆ ପକ୍ଷ କରିବେ ପାଳନ
- ଚଳିତ ବର୍ଷ ଜୁନ୍ ମାସ ଶେଷ ସୁଦ୍ଧା ରାଜ୍ୟର ସବୁ ଗ୍ରାମରେ ଉପଲବ୍ଧ ହେବ ମୋବାଇଲ ସେବା

ଏବଂ

- ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ଆଉ ଦୁଇ ଦିନ ବୃଦ୍ଧି କରିବା ପାଇଁ ସରକାର ବିଚାର କରୁଛନ୍ତି; କହିଲେ ଯୋଗାଣ ମନ୍ତ୍ରୀ

# ବିଧାନସଭା– ଇଣ୍ଟ୍ରୋ

ସପ୍ତଦଶ ବିଧାନସଭା ବଜେଟ୍ ଅଧିବେଶନରେ ଆଜି କଟକ ବଡ଼ ମେଡିକାଲ ଅଗ୍ନିକାଣ୍ଡ ଘଟଣାକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇପାରି ନ ଥିଲା। ପ୍ରଶ୍ନକାଳ ଆରମ୍ଭ ହେବାମାତ୍ରେ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହୋ ହାଲ୍ଲା କରିଥିଲେ। ଏହା ମଧ୍ୟରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୋଟିଏ ପ୍ରଶ୍ନର ଉତ୍ତର ରଖିଥିଲେ। ବାଚସ୍ପତି ସୁରମା ପାଢ଼ି ଗୃହକାର୍ଯ୍ୟରେ ଭାଗ ନେବା ପାଇଁ ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ ମଧ୍ୟ ପରିସ୍ଥିତିରେ କୌଣସି ସୁଧାର ଆସି ନ ଥିଲା। ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିବାରୁ ବାଚସ୍ପତି ବାରମ୍ବାର ଗୃହକୁ ମୁଲତବୀ ରଖିବା ସହିତ ସର୍ବଦଳୀୟ ବୈଠକ ଡାକିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରେ ୩ ବର୍ଷ ମଧ୍ୟରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗ ପାଇଁ ପଦୋନ୍ନତି କ୍ଷେତ୍ରରେ ମୋଟ ୧୧ଟି ପଦ ଖାଲି ପଡ଼ିଛି ବୋଲି କହିଥିଲେ। ବିଧାନସଭାରେ ଆଜି ଦିବଂଗତ ସଦସ୍ୟ ନାରାୟଣ ସାହୁଙ୍କ ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୋକପ୍ରସ୍ତାବ ଆଗତ କରିଥିଲେ। ଶୋକ ପ୍ରସ୍ତବ ଉପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ସିପିଆଇଏମ୍ ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ  ନିଜ ନିଜର ମତ ରଖିଥିଲେ।

ବାଚସ୍ପତି ଶ୍ରୀମତୀ ପାଢ଼ି ସଦସ୍ୟଙ୍କ ସ୍ମୃତିଚାରଣ କରିବା ପରେ ଗୃହରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

BBSR/R

## ଓଡ଼ିଆ ପକ୍ଷ

ଓଡ଼ିଆ ଅସ୍ମିତାର ମହାପର୍ବ 'ଓଡ଼ିଆ ପକ୍ଷ' ଆସନ୍ତା ୧ ତାରିଖ ବୁଧବାରରୁ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ପାଳନ କରାଯିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି । ଓଡ଼ିଆ ଘରର ଗାଥା-ଗୌରବ, କଥାସରିତା, ଚାଲିଚଳଣି, ଖାଦ୍ୟପାନୀୟ, ପୋଷାକ ଓ ସଂସ୍କୃତି ପରମ୍ପରାକୁ ବିଶ୍ୱ ବିଦିତ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ । ରାଜ୍ୟବାସୀଙ୍କୁ ଓଡ଼ିଆ ପକ୍ଷ ପାଳନରେ ସାମିଲ କରିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଆ ପକ୍ଷ-୨୦୨୬ ୱେବସାଇଟ୍ odiapakhya.com ଖୋଲାଯାଇଛି । ଏହି ୱେବସାଇଟ୍ ଓ ଓଡ଼ିଆ ପକ୍ଷ ଆପ୍‌ରେ ଓଡ଼ିଆ ପକ୍ଷ ପାଳନ ସମ୍ବନ୍ଧୀୟ ସମସ୍ତ ବିବରଣୀ ଉପଲବ୍ଧ ଅଛି । ମନ୍ତ୍ରୀ ଶ୍ରୀ ସୁରଜ ଭୁବନେଶ୍ୱର ସଂସ୍କୃତି ଭବନ ପରିସରରେ ଓଡ଼ିଆ ପକ୍ଷ ପାଳନକୁ ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ କହିଛନ୍ତି...

**- V/O –**

BBSR/R

## ବିଧାନସଭା– ମୋବାଇଲ ସେବା

ରାଜ୍ୟର ସବୁ ଗ୍ରାମକୁ ଆସନ୍ତା ଜୁନ୍ ମାସ ଶେଷ ସୁଦ୍ଧା ମୋବାଇଲ ସେବା ଉପଲବ୍ଧ ହେବ ବୋଲି ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ସଦସ୍ୟ ଶାରଦା ପ୍ରସନ୍ନ ଜେନାଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ମହାଲିଙ୍ଗ କହିଛନ୍ତି, କେନ୍ଦ୍ର ସରକାରଙ୍କ ଦୂରସଂଚାର ବିଭାଗ ପକ୍ଷରୁ ପ୍ରାପ୍ତ ସୂଚନା ଅନୁଯାୟୀ ରାଜ୍ୟର ମୋଟ ୫୧ ହଜାର ୧୭୬ଟି ଗ୍ରାମ ମଧ୍ୟରୁ ବର୍ତ୍ତମାନ ୪୯ ହଜାର ୯୩୯ଟି ଗ୍ରାମରେ ମୋବାଇଲ ସେବା ଉପଲବ୍ଧ ଅଛି। ଅବଶିଷ୍ଟ ୧ ହଜାର ୨୩୭ଟି ଗ୍ରାମକୁ କେନ୍ଦ୍ର ସରକାରଙ୍କ ଡିଜିଟାଲ ଭାରତ ନିଧି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ମୋବାଇଲ ସେବା ଯୋଗାଇଦେବା ନିମନ୍ତେ କାର୍ଯ୍ୟ ଚାଲୁ ରହିଛି। ଆକାଂକ୍ଷୀ ପ୍ରକଳ୍ପ ପାଇଁ ସର୍ବାଧିକ ୧ ହଜାର ୬୫୬ କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ମନ୍ତ୍ରୀ ଗୃହରେ ତଥ୍ୟ ରଖିଛନ୍ତି।

BBSR/R

## ବିଧାନସଭା– ଭେଣ୍ଟିଲେଟର

ରାଜ୍ୟର ବିଭିନ୍ନ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକରେ ସରକାରଙ୍କ ପକ୍ଷରୁ ଆବଶ୍ୟକୀୟ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ବିଧାନସଭାରେ ସଦସ୍ୟ ପଦ୍ମଲୋଚନ ପଣ୍ଡାଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ମହାଲିଙ୍ଗ କହିଛନ୍ତି,

୨୦ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୮୦ ଶଯ୍ୟା ବିଶିଷ୍ଟ ଆଇସିୟୁର ବ୍ୟବସ୍ଥା କରାଯାଇଛି। ଆବଶ୍ୟକତାକୁ ଦୃଷ୍ଟିରେ ରଖି ବଜେଟ୍‌ରେ ଉପସ୍ଥାପିତ ଆଇସିୟୁ ବେଡ୍‌ଗୁଡ଼ିକୁ ବିଭିନ୍ନ ସ୍ୱାସ୍ଥ୍ୟ ଅନୁଷ୍ଠାନକୁ ବଣ୍ଟନ କରାଯିବ। ଏହାବ୍ୟତୀତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ମାଧ୍ୟମରେ ବେସରକାରୀ ଚିକିତ୍ସାଳୟ ମାନଙ୍କରେ ଆଇସିୟୁ ବେଡ୍, ଭେଣ୍ଟିଲେଟର ଆଦି ଚିକିତ୍ସା ସୁବିଧା ହିତାଧିକାରୀମାନେ ପାଇପାରୁଛନ୍ତି। ରାଜ୍ୟରେ ୨୦୨୬-୨୭ ଆର୍ଥିକ ବର୍ଷ ବଜେଟ୍‌ରେ ଗୁରୁତର ରୋଗୀଙ୍କ ଜୀବନ ରକ୍ଷାକାରୀ ସହାୟତା ପାଇଁ ଭେଣ୍ଟିଲେଟର ଏବଂ କେନ୍ଦ୍ରୀୟ ତଦାରଖ ସୁବିଧା ସହିତ ସଜ୍ଜିତ ୧ ହଜାର ଉନ୍ନତ ଆଇସିୟୁ ଏବଂ ୫୦୦ ଏଚ୍.ଡି.ୟୁ. ଶଯ୍ୟା ସ୍ଥାପନ ପାଇଁ ପ୍ରସ୍ତାବ ରହିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

Desk

# ସେନ୍‌ସସ- ୨୦୨୭

୨୦୨୭ ଜନଗଣନା ଆସନ୍ତାମାସ ପହିଲାରୁ ଆରମ୍ଭ ହେବ। ସ୍ୱାଧୀନତା ପରେ ଏହା ଅଷ୍ଟମ ଜନଗଣନା ହୋଇଥିବା ବେଳେ ଏହା ଷୋଡ଼ଶ ଜନଗଣନା ହେବ। ଏକ ସାମ୍ବାଦିକ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଭାରତୀୟ ଜନଗଣନା କମିଶନର ତଥା ରେଜିଷ୍ଟ୍ରାର୍ ଜେନେରାଲ୍

ମୃତ୍ୟୁଞ୍ଜୟ କୁମାର ନାରାୟଣ କହିଛନ୍ତି, ଚଳିତବର୍ଷ ଏପ୍ରିଲ୍ ୧ ତାରିଖରୁ ସେପ୍ଟେମ୍ବର ୩୦ ତାରିଖ ମଧ୍ୟରେ ଗୃହ ଗଣନା ଅନୁଷ୍ଠିତ ହେବ । ପ୍ରଥମ ପର୍ଯ୍ୟାୟ ଲାଗି ଉଦ୍ଦିଷ୍ଟ ପ୍ରଶ୍ନ ସମୂହ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଏହା ପ୍ରକାଶ ପାଇବ । ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟରେ ଜାତି ଭିତ୍ତିକ ଗଣନା କରାଯିବ ।

Desk

## ଧାନସଂଗ୍ରହ

ରାଜ୍ୟ ସରକାର ଧାନସଂଗ୍ରହ ଅବଧିକୁ ଆଉ ଦୁଇ ଦିନ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ବିଚାର କରୁଛନ୍ତି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି । ଆସନ୍ତାକାଲି ଧାନ ସଂଗ୍ରହ ଧାର୍ଯ୍ୟ ସମୟ ସୀମା ଶେଷ ହେଉଥିଲେ ମଧ୍ୟ କେତେକ ଜିଲ୍ଲାରେ ଧାର୍ଯ୍ୟ ଲକ୍ଷ୍ୟଠାରୁ କମ୍ ଧାନ ସଂଗ୍ରହ କରାଯାଇଛି । ଟୋକେନ୍ ଦିଆଯାଇଥିବା ସମସ୍ତ ଚାଷୀଙ୍କଠାରୁ ସରକାର ଧାନକ୍ରୟ କରିବେ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ।

**- V/O –**

BBSR/R

## ବିଧାନସଭା- ରକ୍ତଭଣ୍ଡାର

ରାଜ୍ୟରେ ୨୦୨୬-୨୭ ଆର୍ଥିକ ବର୍ଷରୁ ଅଟଳ ରକ୍ତଦାନ ଅଭିଯାନ ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି । ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ

ମହାଲିଙ୍ଗ କହିଛନ୍ତି, ଯୋଜନା ଅଧୀନରେ ସମସ୍ତ ନୂତନ ମେଡିକାଲ କଲେଜରେ ରକ୍ତଭଣ୍ଡାର ପ୍ରତିଷ୍ଠା କରାଯିବା ସହିତ ଏହାର ଉନ୍ନତିକରଣ ଓ ଆଧୁନିକୀକରଣ କରାଯିବ। ରାଜ୍ୟରେ ୫୦ଟି ଭ୍ରାମ୍ୟମାଣ ରକ୍ତସଂଗ୍ରହ ୟୁନିଟ୍ ବ୍ୟବସ୍ଥା ପାଇଁ ପ୍ରସ୍ତାବ ରହିଛି। ବର୍ତ୍ତମାନ ୫୬ଟି ସରକାରୀ ଓ ଦୁଇଟି ରେଡକ୍ରସ ରକ୍ତଭଣ୍ଡାର ସହିତ ୩୪ଟି ବେସରକାରୀ ରକ୍ତଭଣ୍ଡାର କାର୍ଯ୍ୟକ୍ଷମ ରହିଛି ବୋଲି ମନ୍ତ୍ରୀ ଗୃହକୁ ଅବଗତ କରାଇଛନ୍ତି।

BHK

## ଜନଗଣନା ପ୍ରଶିକ୍ଷଣ ଶିବିର

ଭଦ୍ରକ ଜିଲ୍ଲା ବନ୍ତ ତହସିଲ ଅନ୍ତର୍ଗତ ଗଣିଜାଂଗ ନେହରୁ ହାଇସ୍କୁଲ ଓ ଷେଣ୍ଡତୀରା ସରକାରୀ ଜନାର୍ଦ୍ଦନ ହାଇସ୍କୁଲ ପରିସରରେ ଜନଗଣନା ପାଇଁ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟ ଜନଗଣନା ପାଇଁ ତାଲିମପ୍ରାପ୍ତ କର୍ମଚାରୀମାନେ ଘରକୁ ଘର ଯାଇ ସବିଶେଷ ତଥ୍ୟ ଗ୍ରହଣ କରିବେ। ଶିବିରରେ ତହସିଲଦାରଙ୍କ ସମେତ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ୨୦୦ରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ ଓ ସରକାରୀ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି।

Ganjam

## ତାଲିମ ଶିବିର

ଗଞ୍ଜାମ ଜିଲ୍ଲାର ବାହାଡ଼ାପଲ୍ଲୀ ବାତ୍ୟା ଆଶ୍ରୟସ୍ଥଳ ପରିସରରେ ଦୁଇଦିନିଆ କୃଷି ବନୀକରଣ ତାଲିମ ଶିବିର ଆୟୋଜିତ ହୋଇଯାଇଛି।

ଓୟୁଏଟିର ବୈଜ୍ଞାନିକ ଡକ୍ଟର ମାନସ ରଞ୍ଜନ ନାୟକ, ଡକ୍ଟର ଚିନ୍ମୟୀ ମିଶ୍ର, କୃଷି କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହି ଚାଷୀଙ୍କୁ ପଶୁପାଳନ ଓ କୃଷି ବନୀକରଣ ଉପରେ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୪୦ ଜଣ ଚାଷୀଙ୍କୁ କୃଷି ଯନ୍ତ୍ରପାତି ପ୍ରଦାନ କରାଯାଇଛି।

Jharsuguda

## ପ୍ରକଳ୍ପର ସମୀକ୍ଷା

ଝାରସୁଗୁଡ଼ା ଜିଲ୍ଲାରେ କୃଷିର ଉନ୍ନତି ଓ ଚାଷୀଙ୍କ ଆୟବୃଦ୍ଧି ପାଇଁ ଜିଲ୍ଲାପାଳ ଚୌହ୍ୱାନ କୁନାଲ ମୋତିରାମ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। କୃଷି ବିବିଧିକରଣ ଓ ଫୁଲ ଚାଷ ଉପରେ ଗୁରୁତ୍ୱ ଦେବା ପାଇଁ ଜିଲ୍ଲାପାଳ’ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କୁ ପରାମର୍ଶ ଦେଇଛନ୍ତି। ଲଖନପୁର ବ୍ଲକର ଜଳପ୍ଲାବିତ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରି ସେଠାରେ ଧାନ ବଦଳରେ ସ୍ୱଳ୍ପମିଆଦି ପନିପରିବା ଚାଷ କରିବାକୁ କହିଛନ୍ତି। ମହୁ ଉତ୍ପାଦନ ବୃଦ୍ଧି ଏବଂ ବଜାର ବ୍ୟବସ୍ଥା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା।

Gajapati

## ସଡ଼କ ସୁରକ୍ଷା ଅଭିଯାନ

ଗଜପତି ଜିଲ୍ଲା ପଦ୍ମପୁର ଗ୍ରାମ ବିନୋଦିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସଡ଼କ ସୁରକ୍ଷା ଅଭିଯାନ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ଜିଲ୍ଲା ଆଞ୍ଚଳିକ

ପରିବହନ କାର୍ଯ୍ୟାଳୟର ପୋଲିସ ଅଧିକାରୀ ପ୍ରଜ୍ଞା ପରମିତା ସିଂହ ଯୋଗଦେଇ ସଡ଼କ ସୁରକ୍ଷା ସମ୍ବନ୍ଧରେ ଆଲୋଚନା କରିବା ସହିତ ଜୀବନ ରକ୍ଷା ମହତ୍ତ୍ୱ ଉପରେ ସୂଚନା ପ୍ରଦାନ କରିଥିଲେ। ଜନଶିକ୍ଷଣ ସଂସ୍ଥାନର ଅଧିକାରୀ ଡ୍ରାଇଭିଂର ବିଭିନ୍ନ କୌଶଳ ଓ ଟ୍ରାଫିକ ନିୟମ ଉପରେ ସୂଚନା ପ୍ରଦାନ କରିଥିଲେ।

Ganjam

## କ୍ରିକେଟ ଚୟନ

ଓଡ଼ିଶା କ୍ରିକେଟ ସଂଘ– ଓସିଏ ପକ୍ଷରୁ ଆସନ୍ତା ୧୬ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ଗଞ୍ଜାମ ଜିଲ୍ଲା କନିଷ୍ଠ କ୍ରିକେଟ ଦଳର ଚୟନ ପରୀକ୍ଷା ଆସନ୍ତା ୩ ଓ ୪ ତାରିଖରେ ବ୍ରହ୍ମପୁରସ୍ଥିତ ମହାତ୍ମା ଗାନ୍ଧୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ସମସ୍ତ ତାଲିକାଭୁକ୍ତ ଖେଳାଳିଙ୍କୁ ସକାଳ ୮ଟା ସୁଦ୍ଧା ଷ୍ଟାଡିୟମ୍‌ରେ ପହଁଞ୍ଚିବାକୁ ସୂଚନା ଦିଆଯାଇଛି।